## ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଟଟୋ ମାଲିକ ମୃତ

ଜଳେଶ୍ୱର, (ରବିନାରାୟଣ ପାତ୍ର)-ସୁଗୋ ଗ୍ରାମରେ ବସବାସ କରୁଥିବା ବିହାର ରାଜ୍ୟର ସନ୍ତୋଷ କୁମାର ମୋଦି ପେଟ୍ରୋଲ ପମ୍ପର ଅନତି ଦୂର ସଚିନ୍ଦ୍ର ଜେନାଙ୍କ ଘରେ ଭଡାରେ ରହୁଥିଲେ । ଗତ କିଛିଦିନ ତଳେ ଏକ ଟଟୋ ବ୍ୟାଙ୍କରୁ କିସ୍ତି ସୂତ୍ରରେ ଆଣି ଥିଲେ । ଗୁରୁବାର ସକାଳେ ଏହି ଟଟୋକୁ ବିଦ୍ୟୁତ୍ ଚାର୍ଜ ଦେବା ବେଳେ ଅସାବଧାନରୁ ସେ ସଂସ୍ପର୍ଶରେ ଆସିଥିଲେ। ଫଳରେ ତାଙ୍କର ମୃତ୍ୟୁ ଘଟିଛି। ତାଙ୍କ ବିଧବା ସ୍ତ୍ରୀ ଓ ୨ ନାବାଳିକା ଝିଅ ଥିବାରୁ ବୀମାରାଶି ଯୋଗାଇ ଦେବାକୁ ଯୁବନେତା ସଞ୍ଜିତ କୁମାର ପ୍ରଧାନ ଓ ସରପଞ୍ଚ ଜୟନ୍ତୀ ପରିଡା ଦାବି କରିଛନ୍ତି ।

**ସଂକ୍ଷେପରେ**

## ଦୋଷୀଙ୍କୁ ୧୦ ବର୍ଷ ଜେଲ ନାବାଳିକାଙ୍କୁ ବଳାତ୍କାର ମାମଲା

**ବାରିପଦା,୭।୯(ନୀଳାଦ୍ରି ବିହାରୀ ଦଣ୍ଡପାଟ):** ମୟୂରଭଞ୍ଜ ଅତିରିକ୍ତ ଜିଲା ଓ ଦୌରା ଜଜ୍ ତଥା ସ୍ୱତନ୍ତ୍ର ପୋକ୍ସୋ କୋର୍ଟରେ ଗୁରୁବାର ଏକ ନାବାଳିକା ବଳାତ୍କାର ମାମଲାର ରାୟ ପ୍ରକାଶ ପାଇଛି। ଜଜ୍ ସୁମିତା ଜେନା ଏହାର ବିଚାର କରି ଦୋଷୀଙ୍କୁ ୧୦ବର୍ଷ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହା ସହିତ ୫ହଜାର ଟଙ୍କା ଜରିମାନା ଓ ଅନାଦାୟ ଅଧିକ ୩ ମାସ କାରାଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ଅଭିଯୁକ୍ତ ଜଣକ ହେଲେ ମୟୂରଭଞ୍ଜ ଜିଲା ଝାରପୋଖରିଆ ଥାନା ଅଧୀନ କୁମ୍ଭାରୀ ଗ୍ରାମର ସାମରାୟ ହାଁସଦା(୩୫)। ୨୦୧୮ ଜାନୁଆରୀ ୨୪ରେ ପୀଡ଼ିତା ନାବାଳିକା ନିକଟସ୍ଥ ପୋଖରୀକୁ ଯାଇଥିଲା ବେଳେ ଏକୁଟିଆ ପାଇ ଅଭିଯୁକ୍ତ ସାମରାୟ ତାଙ୍କୁ ନିକଟସ୍ଥ କୋଚିଲା ଜଙ୍ଗଲକୁ ନେଇ ବଳାତ୍କାର କରିଥିବା ଅଭିଯୋଗ ହୋଇଥିଲା। ସ୍ୱତନ୍ତ୍ର ପିପି ଅଭିନ୍ନ କୁମାର ପଟ୍ଟନାୟକ ମାମଲା ପରିଚାଳନା କରୁଥିଲେ।

## ନିଶ୍ଚିନ୍ତପୁର ସମବାୟ ସମିତି ପରିଚାଳନା କମିଟି ନିଲମ୍ବିତ

**ତିହିଡି,୭।୯(ସଞ୍ଜିତ ବଳ):** ଭଦ୍ରକ ଜିଲା ତିହିଡ଼ି ବ୍ଲକ ସୟା ପଞ୍ଚାୟତ ଅଧୀନ ନିଶ୍ଚନ୍ତପୁର ସେବା ସମବାୟ ସମିତିର ପରିଚାଳନା କମିଟିକୁ ନିଲମ୍ବନ କରାଯାଇଛି। ସମିତିରେ ଉପୁଜିଥିବା ଅଚଳାବସ୍ଥା ସାଙ୍ଗକୁ ଚାଷୀମାନେ ଋଣ ନେଣଦେଣ କରିପାରୁ ନ ଥିବାରୁ ସମବାୟ ସମିତି ପ୍ରଶାସନ ପକ୍ଷରୁ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ସମବାୟ ସମିତିର ଡେପୁଟି ରେଜିଷ୍ଟ୍ରାର ୫।୯।୨୩ ତାରିଖ ଚିଠି ନଂ. ୩୩୬୪ରେ ଏହି ନିଲମ୍ବନ ନିର୍ଦ୍ଦେଶ ଦେଇଛନ୍ତି। ପ୍ରକାଶ ଯେ, ସମବାୟ ସମିତିର ସମ୍ପାଦିକା ଗୀତାଞ୍ଜଳି ଦାସଙ୍କୁ କିଛି ମାସ ପୂର୍ବେ ପରିଚାଳନା କମିଟି ସଭାପତି ବେଆଇନ ଭାବେ ନିଲମ୍ବନ କରିଥିବା ଅଭିଯୋଗ ହୋଇଥିଲା। ପରେ ସମ୍ପାଦିକା ହାଇକୋର୍ଟଙ୍କ ଦ୍ୱାରସ୍ଥ ହେବାରୁ ସ୍ଥିତାବସ୍ଥା ବଜାୟ ରଖିବାକୁ କୋର୍ଟ ନିର୍ଦ୍ଦେଶ ଦେଇଥିଲେ। ପରିଚାଳନା କମିଟିର ବୈଠକ ୮ମାସ ଧରି ବସିପାରି ନ ଥିଲା। ଏବେଇ ସମିତି ଏରିଆ ଇନ୍ସପେକ୍ଟର ଅଭିଳାଷ ରଣାଙ୍କ ଉପରେ ପରିଚାଳନା ଦାୟିତ୍ୱ ନ୍ୟସ୍ତ କରାଯାଇଛି।

# ଗାଡ଼ିରେ ନିଆଁ ଲଗାଇଦେଲେ ଉତ୍ତ୍ୟକ୍ତ ଲୋକେ

**ପାଟଣା,୭।୯(ବୀର କିଶୋର ଦାଶ)**



କେନ୍ଦୁଝର ଜିଲା ପାଟଣା ଦେଇ ଯାଇଥିବା ୨୨୦ ନମ୍ବର ଜାତୀୟ ରାଜପଥ ଧାନବେଣୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ନିକଟରୁ ଏକ ସ୍କର୍ପିଓରୁ ୩ ଗୋରୁ ଉଦ୍ଧାର କରିଛନ୍ତି। ଉତ୍ତ୍ୟକ୍ତ ଲୋକେ ଗୋରୁ ବାହାର କରି ଗାଡ଼ିରେ ନିଆଁ ଲଗାଇଦେଇଥିଲେ। ପୋଲିସ ପହଞ୍ଚି ବୁଝାଶୁଝା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା।

ସୂଚନା ଅନୁଯାୟୀ, ସ୍କର୍ପିଓରେ ଚୋରା କାଠ ବୋଝେଇ ଥିବା ସନ୍ଦେହ କରି ବନ ବିଭାଗ ପିଛା କରୁଥିଲା। ଧାନବେଣୀ ସ୍କୁଲ ନିକଟରେ ଗାଡ଼ିର ଆଗ ଚକା ଫାଟିଯାଇଥିଲା। ଲୋକେ ରୁଣ୍ଡ ହେବା ଦେଖି ୩ ଗୋରୁ ବ୍ୟବସାୟୀ ଫେରାର ହୋଇଯାଇଥିଲେ। ସ୍କର୍ପିଓ ଭିତରେ ଗାଈ ଗୁଡ଼ିକୁ ଅତି ଦୟନୀୟ ଅବସ୍ଥାରେ ବାନ୍ଧି ନେଉଥିବା ଦେଖିବାକୁ ମିଳିଥିଲା। ସ୍ଥାନୀୟ ଲୋକେ ପହଞ୍ଚି ଗୋରୁଙ୍କୁ ଉଦ୍ଧାର କରିବା ପରେ ଗାଡ଼ିରେ ନିଆଁ ଲଗାଇଦେଇଥିଲେ। ଘଟଣା ସ୍ଥଳରେ ପାଟଣା ଥାନା ଅଧିକାରୀ ଦୀପ୍ତି ରଞ୍ଜନ ସାହୁ, କପୁଣ୍ଡି ସରପଞ୍ଚ ସୁନିତା କୁସୁମାଳିଆ, ସମିତି ସଭ୍ୟ ବିଜୟ ପଇଦା ପ୍ରମୁଖ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କ ସହ ଆଲୋଚନା କରିବା ସହ ଗାଡ଼ିରୁ ନିଆଁ ଲିଭାଇଥିଲେ। ପରେ ଅଗ୍ନିଶମ ବାହିନୀ ଗାଡ଼ି ପହଞ୍ଚି ନିଆଁକୁ ସମ୍ପୂର୍ଣ୍ଣ ଆୟତ୍ତ କରିଥିଲା। ପାଟଣା ତହସିଲଦାର ତାପସ ରଞ୍ଜନ ଦେହୁରୀ, ଘଟଗାଁ ଏସ୍‌ଡିପିଓ ସୁଦର୍ଶନ ଗାଙ୍ଗଇ ଉପସ୍ଥିତ ରହି ସ୍ଥିତି ଅନୁଧ୍ୟାନ କରୁଛନ୍ତି। ଉଦ୍ଧାର ହୋଇଥିବା ୩ ଗାଈ କପୁଣ୍ଡି ସରପଞ୍ଚଙ୍କ ତତ୍ତ୍ୱାବଧାନରେ କପୁଣ୍ଡିସ୍ଥିତ ସିୱାଇଏସଡି ଗୃହରେ ରଖାଯାଇଛି। ସ୍କର୍ପିଓ ଜବତ କରାଯାଇ ତଦନ୍ତ ଚାଲିଥିବା ଥାନା ଅଧିକାରୀ ସାହୁ କହିଛନ୍ତି।

**ଚାଲାଣ ବେଳେ ସ୍କର୍ପିଓରୁ ୩ ଗୋରୁ ଉଦ୍ଧାର**

## ରାଧାକୃଷ୍ଣ ବେଶରେ ଛାତ୍ରୀଛାତ୍ର



ଛାତ୍ରୀଛାତ୍ର ରାଧା ଓ କୃଷ୍ଣ ବେଶରେ ସଜ୍ଜିତ ହୋଇଛନ୍ତି।

**ଧାମନଗର,୭।୯(ସନ୍ତୋଷ କୁମାର ମହାପାତ୍ର)**

ଭଦ୍ରକ ଜିଲା ଧାମନଗର ବ୍ଲକ ଚୁଡ଼ାକୁଟି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଜନ୍ମାଷ୍ଟମୀ ପାଳନ ଅବସରରେ କୁନି କୁନି ଛାତ୍ରୀଛାତ୍ରଙ୍କ ମଧ୍ୟରେ ରାଧାକୃଷ୍ଣ ବେଶ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଶିଶୁମନ୍ଦିରର ପ୍ରତିଷ୍ଠାତା ତଥା ଖବରଦାତା ବିବେକାନନ୍ଦ ପଣ୍ଡାଙ୍କ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ଖବରଦାତା ଦୀନକୃଷ୍ଣ ମହାପାତ୍ର ଓ ସାମାଜିକ କର୍ମୀ କୁମାରେଶ ଖିଲାର ବିଚାରକ ଭାବେ ଯୋଗ ଦେଇଥିଲେ। କୃତୀ ପ୍ରତିଯୋଗୀଙ୍କୁ ଆସନ୍ତା ବାର୍ଷିକ ଉତ୍ସବରେ ସମ୍ମାନିତ ଓ ପୁରସ୍କୃତ କରାଯିବ। ଶିକ୍ଷା ବିକାଶ ପରିଷଦ ଦ୍ୱାରା ହେଇଥିବା ଆର୍ଯ୍ୟଭଟ୍ଟ ଗଣିତ ପ୍ରତିଭାରେ ସଫଳ ଶିଶୁମାନଙ୍କୁ ସାର୍ଟିଫିକେଟ ଓ ବ୍ୟାଚ୍ ପ୍ରଦାନ କରାଯାଇଥିଲା। ରାଧାକୃଷ୍ଣ ବେଶଧାରୀ ପିଲାମାନଙ୍କୁ ନେଇ ସ୍ଥାନୀୟ ରାମ ମନ୍ଦିରରେ ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା। ପରେ ରାମମନ୍ଦିରର କୀର୍ତ୍ତନ ମଣ୍ଡଳୀଙ୍କ ଦ୍ୱାରା ଘଣ୍ଟ, ମୃଦଙ୍ଗ ବାଦ୍ୟ ଶୋଭାଯାତ୍ରାରେ ପିଲାମାନଙ୍କୁ ବଜାର ପରିକ୍ରମା କରାଯାଇଥିଲା। ଗୁରୁଜୀ ସଞ୍ଜୟ କୁମାର ସେଠୀ, ମାମିନା ରାଣୀ ପାଲ, ଗୋପିକା ରାଣୀ ଦେ, ପ୍ରମିଳା ବେହେରା, ପ୍ରୀତିଜିନ୍ତା ମହାପାତ୍ର, ସରିତା ନାୟକ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## 'ପିଲାଙ୍କୁ ଗଢ଼ିପାରୁଥିବା ବ୍ୟକ୍ତି ହିଁ ପ୍ରକୃତ ଶିକ୍ଷକ'



ସମ୍ବର୍ଦ୍ଧିତ ଶିକ୍ଷକମାନଙ୍କ ସହ ଅତିଥିବୃନ୍ଦ।

**ଖଇରା, ୭।୯(ଉତ୍କଳବନ୍ଧୁ ପଣ୍ଡା)**

ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଙ୍ଗଠନ ଖଇରା ଶାଖା ଆନୁକୂଲ୍ୟରେ ସଂଘର ସପ୍ତଦଶ ବାର୍ଷିକୋତ୍ସବ ଓ ଗୁରୁପୂଜା ସଂଘ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି କୈଳାସ ଚନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ସିମୁଳିଆ ବିଧାୟକ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ମୁଖ୍ୟଅତିଥି ଭାବେ ଯୋଗଦେଇ ପିଲାଙ୍କୁ ଗଢିପାରୁଥିବା ବ୍ୟକ୍ତି ହିଁ ପ୍ରକୃତ ଶିକ୍ଷକ ପଦବାଚ୍ୟ ବୋଲି କହିଥିଲେ। ପ୍ରାକ୍ତନ ଅଧ୍ୟକ୍ଷ ଉମେଶ ଚନ୍ଦ୍ର ନାୟକ ମୁଖ୍ୟବକ୍ତା, ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ, ବିଡିଓ ଉତ୍ତମ କୁମାର ଜେନା, ବିଇଓ ଗଦାଧର ଦାସ, ପ୍ରାକ୍ତନ ବିଇଓ ସୁଦର୍ଶନ ରାଉତ, ଏବିଇଓ ହେମନ୍ତ ମିଶ୍ର, ପାର୍ବତୀ ପଣ୍ଡା, ବିଆରସିସି ଗୌରାଙ୍ଗ ମହାପାତ୍ର, ଶିକ୍ଷକ ନେତା କମଳଲୋଚନ ଜେନା, ନାରାୟଣ ପେଡା, ଉଦୟ ମହାପାତ୍ର, ଗୋବିନ୍ଦ ଚନ୍ଦ୍ର ପଣ୍ଡା, ଦୀନବନ୍ଧୁ ଦାଶ, ରଞ୍ଜନ କୁମାର ମହଲା ଓ ଲକ୍ଷ୍ମଣ କୁମାର ସେନ ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ରିତାରାଣୀ ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖପତ୍ର ପ୍ରଜ୍ଞାଶ୍ରୀକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଚଳିତବର୍ଷ ଅବସର ଗ୍ରହଣ କରିଥିବା ୧୩ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ପ୍ରତାପ ଚନ୍ଦ୍ର ଲେଙ୍କାଙ୍କୁ ସରସ୍ୱତୀ ଶିଶୁ ସମ୍ମାନରେ ସମ୍ମାନିତ କରାଯାଇଥିଲା।

## ମଦ ପିଇ ଯୁବକଙ୍କ ମୃତ୍ୟୁକୁ ନେଇ ଉତ୍ତେଜନା

**ସୋର(ଜନ୍ମେଜୟ ମିଶ୍ର)/ ଔପଦା(ଧରିତ୍ରୀ ପଣ୍ଡା), ୭।୯**

ବାଲେଶ୍ୱର ଜିଲା ସୋର ବ୍ଲକ ମାଣିପୁର ପଞ୍ଚାୟତ ରଣପୁର ଗ୍ରାମର ଜଣେ ଯୁବକ ଗୁରବାର ସନ୍ଧ୍ୟାରେ ଏକ ମଦ ଭାଟିରୁ ମଦ ପିଇ ଆସିବା ବେଳେ ରାସ୍ତାରେ ମୃତ୍ୟୁ ହୋଇଯାଇଛି । ଏହି ଘଟଣାକୁ ନେଇ ବିଷାକ୍ତ ମଦ ପିଇଥିବା ସନ୍ଦେହରେ ଲୋକଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଛି । ସନ୍ଧ୍ୟା ୭ଟା ବେଳେ ରଣପୁର ଗ୍ରାମର ରବି ଜେନାଙ୍କ ପୁଅ ସନ୍ତୋଷ ଜେନା(୩୫) ନିକଟସ୍ଥ ଔପଦା ବ୍ଲକ ବଧି ଗ୍ରାମର ଥିବା ଏକ ଚୋରା ମଦ ଭାଟିରୁ ମଦ ପିଇ ଅଣ୍ଡା ଆଉ ଆଳୁକସା ହାତରେ ଧରି ଖାଇ ଖାଇ ଆସୁଥିବା ବେଳେ ରାସ୍ତାରେ ପଡିଯାଇଥିଲେ। ସ୍ଥାନୀୟ ଲୋକେ ଉଠାଇବା ବେଳକୁ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଛି । ଲୋକେ ବିଷାକ୍ତ ମଦ ପିଇ ସନ୍ତୋଷଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ କରି ଚୋରା ମଦ ବିକ୍ରି ନିଷିଦ୍ଧ କରିବା ପାଇଁ ଦାବି କରିବା ସହିତ ସମ୍ପୃକ୍ତ ମଦ ଭାଟିକୁ ସିଲ୍ କରି ବେପାରୀଙ୍କୁ ଗିରଫ କରିବା ପାଇଁ ଦାବି କରିଛନ୍ତି । ଘଟଣାସ୍ଥଳରେ ସୋର ପୋଲିସ ପହଞ୍ଚି ତଦନ୍ତ କରିଛି।

## ବିଇଓ, ପ୍ରଧାନ ଶିକ୍ଷକଙ୍କୁ କାରଣ ଦର୍ଶାଅ ନୋଟିସ

**ବାରିପଦା,୭।୯ (ନୀଳାଦ୍ରି ବିହାରୀ ଦଣ୍ଡପାଟ)**

- ବିଳମ୍ବରେ ଆସିବାରୁ ପଦକ୍ଷେପ ନେଲେ ଜିଲା ଶିକ୍ଷାଧିକାରୀ
- ବିଇଓ କାର୍ଯ୍ୟାଳୟର ଅଧିକାଂଶ କର୍ମଚାରୀଙ୍କ ଦରମା ବନ୍ଦ ନିର୍ଦ୍ଦେଶ

ବିଳମ୍ବରେ ଅଫିସ ଆସିବା କାରଣରୁ ମୟୂରଭଞ୍ଜ ଜିଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ବେତନଟୀ ବ୍ଲକ ଶିକ୍ଷାଧିକାରୀ(ବିଇଓ)ଙ୍କ ସମେତ ଅନୁପସ୍ଥିତ ଥିବା ଏମ୍‌ପିସି ହାଇସ୍କୁଲ ପ୍ରଧାନ ଶିକ୍ଷକଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି। ଏଥିସହ ମୁଗୁସିରିଆ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଜଣେ ସହକାରୀ ଶିକ୍ଷୟିତ୍ରୀ ଏବଂ ବିଇଓଙ୍କ କାର୍ଯ୍ୟାଳୟର ଅଧିକାଂଶ କର୍ମଚାରୀଙ୍କ ଦରମା ବନ୍ଦ ପାଇଁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି।

ସୂଚନା ଅନୁଯାୟୀ, ଜିଲା ଶିକ୍ଷାଧିକାରୀ ସେଠୀ ଗୁରୁବାର ବେତନଟୀ ଅଞ୍ଚଳ ଗସ୍ତ କରିଥିଲେ। ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ପହଞ୍ଚିଲା ବେଳକୁ ମାତ୍ର ୨ଜଣ କର୍ମଚାରୀ ଅଫିସରେ ଥିଲା ବେଳେ ବିଇଓ ବିପ୍ଳବ କରଙ୍କ ସମେତ ଅଧିକାଂଶ କର୍ମଚାରୀ ବିଳମ୍ବରେ ଆସିଥିବା ସେ ଦେଖିବାକୁ ପାଇଥିଲେ। ସେହିପରି ବେତନଟୀ ଏମ୍‌ପିସି ହାଇସ୍କୁଲକୁ ଗସ୍ତ କରି ପ୍ରଧାନ ଶିକ୍ଷକ ଅନୁପସ୍ଥିତ ଥିବା ଦେଖିଥିଲେ। ଦିନ ୧୧ଟା ପରେ ପ୍ରଧାନ ଶିକ୍ଷକ ଶ୍ରୀକୃଷ୍ଣ ପାତ୍ର ସ୍କୁଲରେ ପହଞ୍ଚିବାରୁ ଜିଲା ଶିକ୍ଷାଧିକାରୀ ବିଳମ୍ବତାର କାରଣ ସମ୍ପର୍କରେ ଲିଖିତ ଭାବେ ଜଣାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ମୁଗୁସିରିଆ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ କୁନ୍ତି ମହାନ୍ତ ବିଳମ୍ବରେ ପହଞ୍ଚିଥିବାରୁ ତାଙ୍କ ବିରୋଧରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ସୂଚନା ମିଳିଛି।

## ମାରଣାସ୍ତ୍ର, କାର୍ ଜବତ: ୪ ଗିରଫ

**ବଡ଼ବିଲରେ ଡକାୟତି ଯୋଜନା ପଣ୍ଡ**

**ବଡ଼ବିଲ,୭।୯ (ଦେବପ୍ରିୟ ରଣା)**

କେନ୍ଦୁଝର ଜିଲା ବଡ଼ବିଲ ପୋଲିସ ଏକ ଡକାୟତି ଯୋଜନା ପଣ୍ଡ କରିଛି। ଘଟଣାରେ ୪ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ବନ୍ଧୁକ, ଦାଉଲି, କାର ଓ ୬ ମୋବାଇଲ ଜବତ କରିଛି। ଅଭିଯୁକ୍ତ ଝାଡ଼ଖଣ୍ଡ ରାଜ୍ୟ ପୂର୍ବ ସିଂହଭୂମ ଜିଲା ଟେଲକୋ ଥାନା ଅନ୍ତର୍ଗତ ଟିଆରଏଫ କଲୋନୀ ନିମ୍ ରୋଡ ଅଞ୍ଚଳର ରାକେଶ ଚୌଧରୀ, ବର୍ମା ମାଇନ୍ସ ଥାନା ଅନ୍ତର୍ଗତ ଫାଉଣ୍ଡାରୀ ରୋଡ୍ ଅଞ୍ଚଳର ସନ୍ଦୀପ ସିଂହ, ଇଷ୍ଟ ପ୍ଲାଣ୍ଟ ବସ୍ତି ଅଞ୍ଚଳର ବିଲ୍‌ଟୁ ସିଂହ ଓ କେନ୍ଦୁଝର ବଡ଼ବିଲ ଥାନା ଅନ୍ତର୍ଗତ ସୁନ୍ଦରାବସ୍ତି ଅଞ୍ଚଳରେ ରହୁଥିବା ରବି କୁମାର ରାମ୍।

ସୂଚନା ଅନୁଯାୟୀ, ବୁଧବାର ବିଳମ୍ବିତ ରାତିରେ ପୋଲିସ ସବ୍ ଇନ୍ସପେକ୍ଟର ବରଦା ପ୍ରସନ୍ନ ସାହୁ ସଦଳବଳ ରାତ୍ରି ପାଟ୍ରୋଲିଂ କରୁଥିବାବେଳେ ଦାମୁ ହଟିଂସ୍ଥିତ ପଡ଼ିଆରେ କେତେକ ଅପରାଧୀ ଏକତ୍ରିତ ହୋଇଥିବା ଖବର ପାଇଥିଲେ। ପୋଲିସ ଅତର୍କିତ ଚଢ଼ାଉ କରି ଘଟଣାସ୍ଥଳରୁ ୪ ଜଣଙ୍କୁ କାବୁ କରିବାକୁ ସକ୍ଷମ ହୋଇଥିଲା। ଅନ୍ଧାରର ସୁଯୋଗ ନେଇ କେତେ ଜଣ ଦୁର୍ବୃତ୍ତ ଖସିଯିବାକୁ ସଫଳ ହୋଇଥିବା ଜଣାପଡ଼ିଛି। ଦୁର୍ବୃତ୍ତମାନେ ବ୍ୟବହାର କରୁଥିବା ଜେଏଚ ୦୫ ସିଜେଡ ୦୦୨୦ ନମ୍ବର ବିଶିଷ୍ଟ ଦାମୀ ଏକ୍ସଏଲ-୫ କାରକୁ ପୋଲିସ ଜବତ କରିବା ସହ ସେମାନଙ୍କ ନିକଟରୁ ଏକ ବନ୍ଧୁକ, ଦୁଇଟି ଦାଉଲି, ଏକ ଛୁରି, ଲଙ୍କାଗୁଣ୍ଡ ପାଉଡ୍ ଓ ବିୟର ବୋତଲ ଜବତ କରିଥିବା ଜଣାପଡ଼ିଛି। ଦୁର୍ବୃତ୍ତମାନଙ୍କୁ ପୋଲିସ ପଚରାଉଚରା ପରେ ସେମାନେ ବଡ଼ବିଲ ସହରରେ ଲୁଟ୍ ପାଇଁ ଯୋଜନା କରୁଥିବା ଜଣାପଡ଼ିଥିଲା। ଏ ନେଇ ବଡ଼ବିଲ ଥାନାରେ ଏକ ମାମଲା( ନଂ. ୪୪/୨୩)ରୁଜୁ କରି ଅଭିଯୁକ୍ତଙ୍କୁ ଗୁରୁବାର କୋର୍ଟଚାଲାଣ କରିଛି।

## 'ଜ୍ଞାନ ଆଲୋକକୁ ବାଟ କଢ଼ାଇ ନିଅନ୍ତି ଗୁରୁ'



**ଭଦ୍ରକ, ୭।୯ (ରବିନାରାୟଣ ଖିଲାର)**

ଅଜ୍ଞାନ ରୂପକ ଅନ୍ଧକାରରୁ ଜ୍ଞାନ ଆଲୋକକୁ ବାଟ କଢ଼ାଇ ଯିଏ ବ୍ୟକ୍ତିତ୍ୱ ଗଠନ କରନ୍ତି, ଆତ୍ମ ସାକ୍ଷାତ ପାଇଁ ଯାହାଙ୍କର ଏକାନ୍ତ ଆବଶ୍ୟକତା ରହିଛି ସେ ହିଁ ଗୁରୁ। ସେ ଚିର ବନ୍ଦ୍ୟ, ଚିର ନମସ୍ୟ ବୋଲି ଭଦ୍ରକ ସଂସ୍କୃତି ଭବନଠାରେ ଓଡ଼ିଶା ତେଜସ୍ୱିନୀ ମହିଳା ସଙ୍ଗଠନ ଓ ସ୍ୱରାଜ ବାର୍ତ୍ତା ପରିବାର ପକ୍ଷରୁ ଗୁରୁ ଦିବସ ପାଳନ ଅବସରରେ ଗୁରୁପୂଜନ କାର୍ଯ୍ୟକ୍ରମରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଖବରଦାତା ରବିନାରାୟଣ ଖିଲାରଙ୍କ ଆବାହକତ୍ୱ ଏବଂ ତେଜସ୍ୱିନୀ ମହିଳା ସଙ୍ଗଠନ ସଭାପତି କଳ୍ପନା ଜେନାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଉତ୍ସବରେ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ ମୁଖ୍ୟଅତିଥି, ସାମାଜିକ କର୍ମୀ ଡା. ପ୍ରଦୀପ ନାୟକ ବିଶିଷ୍ଟ ଅତିଥି ଏବଂ ଶିକ୍ଷାବିତ୍, ସଂସ୍କୃତି ପ୍ରାଣା ବୀଣାପାଣି ରଥ ମୁଖ୍ୟବକ୍ତା ଭାବେ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ସମ୍ମାନିତ ଅତିଥି ବ୍ଲକ ଅଧ୍ୟକ୍ଷା ଉର୍ମିଳା ନାୟକ, ସମ୍ମାନିତ ବକ୍ତା ଭାବେ ଅଧ୍ୟାପକ ନିହାର ରଞ୍ଜନ କର ଓ ଉପଦେଷ୍ଟା ଜାନକୀ ପାଢ଼ୀ ଯୋଗ ଦେଇଥିଲେ। ଦୀପାଳି ମିଶ୍ର ଓ ରେଣୁବାଳା ଖିଲାର ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। ଅତିଥି ପରିଚୟ ପ୍ରଦାନ କରିଥିଲେ ଉପସଭାପତି ମନୋରମା ରାୟ। ଅଞ୍ଜନା ମିଶ୍ର ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଶଶିକଳା ମିଶ୍ର ପ୍ରାରମ୍ଭିକ ସଙ୍ଗୀତ ଓ ଶୁଭ୍ରସ୍ମିତା ରାଉତ ଗୁରୁବନ୍ଦନା ଗାନ କରିଥିଲେ। ଚୈତାଳି ଖିଲାର ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଜିଲାର ବିଭିନ୍ନ ପ୍ରାନ୍ତରେ ଶିକ୍ଷା କ୍ଷେତ୍ରରେ ଅବଦାନ ସହ ଆଦର୍ଶ ଶିକ୍ଷକ ଭାବେ ପ୍ରତିଷ୍ଠା ଅର୍ଜନ କରିଥିବା ପ୍ରାୟ ୫୦ ଶିକ୍ଷକ ସମ୍ବର୍ଦ୍ଧିତ କରାଯାଇଥିଲା।

## ଏଫ୍‌ଏମ୍ ବିଶ୍ୱବିଦ୍ୟାଳୟ-ଇମାମୀ ପେପର୍ ମିଲ ବୁଝାମଣାପତ୍ର ସ୍ୱାକ୍ଷରିତ

**ବାଲେଶ୍ୱର, ୭।୯(ମାନସ ବିଶ୍ୱାଳ)**

ବାଲେଶ୍ୱର ଫକୀରମୋହନ(ଏଫ୍‌ଏମ୍) ବିଶ୍ୱବିଦ୍ୟାଳୟ ଏବଂ ଇମାମୀ ପେପର୍ ମିଲ ମଧ୍ୟରେ ଏକ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଛି। ବିଶ୍ୱବିଦ୍ୟାଳୟ ରସାୟନ ବିଜ୍ଞାନ ବିଭାଗ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ, କୁଳସଚିବ କୁକୁମିନା ଦାସ, ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ସବ୍ୟସାଚୀ ପଟ୍ଟନାୟକ, ଇମାମୀ ପେପର୍ ମିଲ ମୁଖ୍ୟ ଡ. ୟୁସୁପଅଲି ସଲାଙ୍କି, ଇମାମୀ ପେପର୍ ପ୍ରାଇଭେଟ୍ ଲିମିଟେଡ୍‌ର ସଭାପତି ଆଶିଷ ଏ ଗୁପ୍ତା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ବିଶ୍ୱବିଦ୍ୟାଳୟର ରସାୟନ ବିଜ୍ଞାନ ବିଭାଗ ମୁଖ୍ୟ ଡ. ପଙ୍କଜ କୁମାର ପାଢ଼ୀ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ବିଭାଗର ସହକାରୀ ଅଧ୍ୟାପକ ଡ. ଜୟକୃଷ୍ଣ ଦାସ ସଭା ପରିଚାଳନା କରିଥିଲେ। ଡ. ଦୀପଙ୍କର ଜେନା ଧନ୍ୟବାଦ ଅର୍ପଣ କରିଥିଲେ।




ବୁଝାମଣାପତ୍ର ସ୍ୱାକ୍ଷରିତ କାର୍ଯ୍ୟକ୍ରମ।

## ୨ ଭାଇଙ୍କୁ ହାଣି ଦେଢ଼ ଲକ୍ଷ ନେଇଗଲେ

**କେନ୍ଦୁଝର,୭।୯ (ନରେଶ ଚନ୍ଦ୍ର ପଟ୍ଟନାୟକ)**

କେନ୍ଦୁଝର ଜିଲା ତେଲକୋଇ ଅଞ୍ଚଳରେ ଦିନକୁ ଦିନ ଆଇନଶୃଙ୍ଖଳା ପରିସ୍ଥିତି ବିଗିଡ଼ିବାରେ ଲାଗିଛି। କିଛି ମାସ ହେଲା ଦିନ ଦ୍ୱିପ୍ରହରରେ ଲୁଟେରାମାନେ କଳାକନା ବୁଲାଇବା ସହିତ ମୁଣ୍ଡରେ ବନ୍ଧୁକ ଲଗାଇ, ଭୁଜାଲିରେ ହାଣି ଟଙ୍କା ଲୁଟ୍ କରି ଚାଲିଛନ୍ତି। ଗୁରୁବାର ଅପରାହ୍ଣ ସାଢ଼େ ୩ଟା ସମୟରେ ଆକୁଳ ସାପ୍ତାହିକ ହାଟକୁ ୨ ଦୁର୍ବୃତ୍ତ ଏକ ପଲସର ବାଇକ୍‌ରେ ଆସି ବ୍ୟବସାୟୀ ୨ ଭାଇଙ୍କୁ ବନ୍ଧୁକ ଦେଖାଇ ଓ ଭୁଜାଲିରେ ହାଣି ଦେଢ଼ ଲକ୍ଷ ଟଙ୍କା ଲୁଟି ନେଇଛନ୍ତି। ଲୁଟର ଶିକାର ୨ ଭାଇ ହେଲେ ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ଥାନା ଗୋଳାଗାଡ଼ିଆ ଗ୍ରାମର ଶରତ ସାହୁ(୫୩) ଓ ଭରତ ସାହୁ(୪୮)।

ସୂଚନା ଅନୁଯାୟୀ, ୨ ଭାଇ ଆକୁଳ ସାପ୍ତାହିକ ହାଟରେ ତେଜରାତି ଦୋକାନ ଦେଇଛନ୍ତି। ଗୁରୁବାର ବେପାର ପରେ ଦୋକାନ ବନ୍ଦ କରିବାକୁ ଯାଉଥିବା ବେଳେ ୨ ଦୁର୍ବୃତ୍ତ ପହଞ୍ଚି ଟଙ୍କା ବ୍ୟାଗ୍ ଝାମ୍ପିବାକୁ ଉଦ୍ୟମ କରିଥିଲେ। କିଛି ସମୟ ୨ ଭାଇ ଓ ଦୁର୍ବୃତ୍ତଙ୍କ ମଧ୍ୟରେ କସରତ ଚାଲିଥିଲା। ଦୁର୍ବୃତ୍ତମାନେ ବନ୍ଧୁକ ଦେଖାଇ ସେମାନଙ୍କୁ ଭୟଭୀତ କରାଇଥିଲେ। ସେଥିରେ ସଫଳ ନ ହେବାରୁ ଭୁଜାଲିରେ ହାଣି ଟଙ୍କା ବ୍ୟାଗ ଧରି ତେଲକୋଇ ରାସ୍ତାରେ ଚମ୍ପଟ ମାରିଥିଲେ। ଦୁର୍ବୃତ୍ତଙ୍କ ଆକ୍ରମଣରେ ଶରତଙ୍କ ମୁଣ୍ଡ, ପିଠି, ଗୋଡ଼ ଓ ହାତରେ ଭୁଜାଲି ଚୋଟ ଲାଗିଛି। ଭରତ ମଧ୍ୟ ଆହତ ହୋଇଛନ୍ତି। ଉଭୟଙ୍କୁ ଶିରିଗିଡା ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି। ସୂଚନାଯୋଗ୍ୟ, ଅପରାହ୍ଣରେ ନିଜେ ତେଲକୋଇ ଆଇଆଇସି ସେହି ରାସ୍ତାରେ ଶିରିଗିଡ଼ା ଯାଇଥିଲେ। ସେ ଯିବାର ମାତ୍ର ୧୫ ମିନିଟ୍ ଭିତରେ ଦୁର୍ବୃତ୍ତମାନେ ଲୁଟ୍ କରିଥିଲେ। ପରେ ପୋଲିସ ଫେରିବା ବେଳେ ଲୋକେ ଘଟଣା ସମ୍ପର୍କରେ ଜଣାଇଥିଲେ। ଘଟଣା ସ୍ଥାନୀୟ ଅଞ୍ଚଳରେ ଆଲୋଡ଼ନ ସୃଷ୍ଟି କରିଛି। ଏ ନେଇ ଥାନାରେ କୌଣସି ଲିଖିତ ଅଭିଯୋଗ ହୋଇ ନ ଥିବା ପୋଲିସ ସୂଚନା ଦେଇଛି।

## ନଦୀରୁ ନାବାଳିକାଙ୍କ ମୃତଦେହ ଜବତ

**ଘସିପୁରା,୭।୯(ନିରଞ୍ଜନ ସାହୁ)**

କେନ୍ଦୁଝର ଜିଲା ଘସିପୁରା ଥାନା ଷେଣ୍ଢେଇ ନଦୀର ସାମୁକାନେଣ୍ଡି ଘାଟରେ ଗାଧୋଇବା ସମୟରେ ବୁଧବାର ନିଖୋଜ ଥିବା ନାବାଳିକାଙ୍କ ମୃତଦେହ ଜବତ ହୋଇଛି। ମୃତକ ସାମୁକାନେଣ୍ଡି ଗ୍ରାମର ପରିଆ ନାହାକଙ୍କ ୯ ବର୍ଷର ଝିଅ ସସ୍ମିତା। ସସ୍ମିତା ମାଉସୀଙ୍କ ସହିତ ନଦୀ ଘାଟକୁ ଗାଧୋଇବାକୁ ଯାଇଥିଲେ। ଗୋଡ଼ ଖସିଯିବାରୁ ଜଳ ସ୍ରୋତରେ ନିଖୋଜ ହୋଇଯାଇଥିଲେ। ଗୁରୁବାର ଅଗ୍ନିଶମ ବିଭାଗ ଓ ଗ୍ରାମବାସୀଙ୍କ ମିଳିତ ଉଦ୍ୟମରେ ଉଦ୍ଧାର କାର୍ଯ୍ୟ ଚାଲିଥିଲା। ନଦୀ ଘାଟଠାରୁ ୬ ଶହ ମିଟର ଦୂରରେ ମୃତଦେହକୁ ଜବତ କରାଯାଇ ବ୍ୟବଚ୍ଛେଦ ପାଇଁ ଆନନ୍ଦପୁର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

## ଖାଲି ପଡ଼ିଛି ପଦବୀ, ଉନ୍ନୟନ କାର୍ଯ୍ୟ ବ୍ୟାହତ

**ବାଙ୍ଗିରିପୋଷି,୭।୯ (ସଞ୍ଜୟ କୁମାର ଅଗ୍ରୱାଲ)**

**ବାଙ୍ଗିରିପୋଷି ବ୍ଲକ**

ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ବ୍ଲକ ଅଞ୍ଚଳର ବିଭିନ୍ନ ବିଭାଗରେ ବହୁ କର୍ମଚାରୀ ପଦବୀ ଖାଲି ପଡ଼ିଥିବାରୁ ଉନ୍ନୟନ କାର୍ଯ୍ୟ ଠପ୍ ହୋଇଯାଇଛି। ବ୍ଲକ କାର୍ଯ୍ୟାଳୟରେ କାର୍ଯ୍ୟରତ ଜଣେ କନିଷ୍ଠ ଯନ୍ତ୍ରୀଙ୍କ ବଦଳି ପରେ ୨ କନିଷ୍ଠ ଯନ୍ତ୍ରୀ ଓ ୬ ଜଣ ଜିପିଟିଏ କନିଷ୍ଠ ଯନ୍ତ୍ରୀ କାର୍ଯ୍ୟ ତୁଲାଉଛନ୍ତି। କନିଷ୍ଠ ଯନ୍ତ୍ରୀ ବସନ୍ତ କୁମାର ପଡିହାରୀ ଏବେ ୩ ପଞ୍ଚାୟତ ଦାୟିତ୍ୱରେ ରହିଛନ୍ତି। ଏହି ବ୍ଲକର ୭ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ଦ୍ୱାରା ୧୯ଟି ପଞ୍ଚାୟତର ଉନ୍ନୟନ କାର୍ଯ୍ୟ ପରିଚାଳିତ ହେଉଛି। ଏହା ବ୍ୟତିତ ଜିପିଓ ପଦ ମଧ୍ୟ ପିଇଓ ସମ୍ଭାଳୁଛନ୍ତି। ଅନ୍ୟପକ୍ଷେ ବ୍ଲକରେ ଥିବା ଜଳ ସମ୍ପଦ ଓ ଗ୍ରାମ୍ୟ ଉନ୍ନୟନ ବିଭାଗର ସହକାରୀ ଯନ୍ତ୍ରୀ ଅବସର ନେବାର ୨ମାସ ବିତିଯାଇଥିଲେ ମଧ୍ୟ ତାଙ୍କ ସ୍ଥାନରେ କେହି ଯୋଗ ଦେଇନାହାନ୍ତି। ଉଦଳା ଜଳସମ୍ପଦ ବିଭାଗର ସହକାରୀ ଯନ୍ତ୍ରୀ ସ୍ୱରୁପ ନାୟକ ଏବେ ଏହି ଦାୟିତ୍ୱ ତୁଲାଉଛନ୍ତି। ସେହିପରି ଗ୍ରାମ୍ୟ ଉନ୍ନୟନ ବିଭାଗରେ ମଧ୍ୟ ସମାନ ଅବସ୍ଥା ଦେଖିବାକୁ ମିଳୁଛି। ଯନ୍ତ୍ରୀ ମିନକେତନ ଭୂୟାଁଙ୍କ ଅବସର ପରେ କରଞ୍ଜିଆ ଉପଖଣ୍ଡର ସହକାରୀ ଯନ୍ତ୍ରୀ ସଞ୍ଜୀବ କୁମାର ନାଏକ ଉନ୍ନୟନ ମୂଳକ କାର୍ଯ୍ୟର ଦାୟିତ୍ୱ ନିର୍ବାହ କରୁଛନ୍ତି। ଉଭୟ ଯନ୍ତ୍ରୀ ବାଙ୍ଗିପୋଷିଠାରୁ ୧୦୦ କି.ମି. ଦୂରରେ ରହୁଥିବାରୁ ପ୍ରତିଦିନ ଆସି ୨ଟି ସ୍ଥାନର କାର୍ଯ୍ୟଭାର ତୁଲାଇବା ସମ୍ଭବପର ହେଉନାହିଁ। ସେଥିପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ନିର୍ମାଣ ହେଉଥିବା ବ୍ରାହ୍ମଣ ଗାଁ-ଦୋମୁହାଣି ସେତୁ ଓ ବୁଢ଼ାବଳଙ୍ଗ ନଦୀରେ ହେଉଥିବା ସେତୁ କିମ୍ବା ଧୋବଣିଶୋଳ ଆରଡି ରାସ୍ତା, ପ୍ରଧାନମନ୍ତ୍ରୀ ବଣକାଟୀ- ନିଶ୍ଚିନ୍ତା ରାସ୍ତା, ଦିଘୀ ରାସ୍ତା, ଆଦର୍ଶ ବିଦ୍ୟାଳୟ ନିର୍ମାଣ କାର୍ଯ୍ୟ ଏବଂ କାଳିଆମି-ଚୁଆପାଣି ରାସ୍ତା ମରାମତି କାମର ଅଗ୍ରଗତି ହୋଇପାରୁନାହିଁ। ଜିଲା ପ୍ରଶାସନ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

## ପଶ୍ଚିମବଙ୍ଗକୁ ଚାଲାଣ ବେଳେ ଗୋରୁ ଗାଡି ଅଟକ

ଜଳେଶ୍ୱର, (ରବିନାରାୟଣ ପାତ୍ର)-୬୦ନଂ. ଜାତୀୟ ରାଜପଥରେ ଗୁରୁବାର ଏକ ୧୨ଚକିଆ ଟ୍ରକ୍ (ନଂ.ଓଆର୍୦୫ଏଏଲ୪୪୭୫)ରେ ପଶ୍ଚିମବଙ୍ଗକୁ ୪୦ରୁ ଊର୍ଦ୍ଧ୍ୱ ଗୋରୁ ଚାଲାଣ ହେଉଥିଲା ବେଳେ ସ୍ଥାନୀୟ ବ୍ୟକ୍ତି ଅଟକାଇ ପୋଲିସକୁ ଖବର ଦେଇଥିଲେ। ପୋଲିସ୍ ଓ ଗୋ ଚାଲାଣକାରୀଙ୍କ ସଲାସୁତରାରେ ଏହି ଜବତ୍ ଗାଡିକୁ ଖସାଇ ଦେବାକୁ ପ୍ରଚେଷ୍ଟା ହେଉଥିବା ବେଳେ ସ୍ଥାନୀୟ ଲୋକେ କ୍ଷୁବ୍ଧ ହୋଇଥିଲେ। ଉଦ୍ଧାର ହୋଇଥିବା ଗୋରୁ ଗୁଡିକୁ ରେମୁଣା ଗୋଶାଳାକୁ ସ୍ଥାନାନ୍ତର କରାଯାଇଥିବା ପୋଲିସ କହିଛି।

## ସଂକ୍ଷେପରେ

### ଦୁର୍ଘଟଣାରେ ବୃଦ୍ଧଙ୍କ ମୃତ୍ୟୁ

ରାଇରଙ୍ଗପୁର,୭।୯(ମାନସ ମହାନ୍ତି)

ମୟୂରଭଞ୍ଜ ଜିଲା ତିରିଙ୍ଗ ଥାନା ଅଧୀନ ନୂଆଗାଁ ଗ୍ରାମରେ ଦୁର୍ଘଟଣାରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ହୋଇଛି। ସେ ହେଲେ ଗୌତମ ନାଏକ (୬୨)। ବୁଧବାର ଶୌଚ ସକାଶେ ଯାଉଥିବା ବେଳେ ଏକ ଅଜଣା ଗାଡ଼ି ତାଙ୍କୁ ଧକ୍କାଦେଇ ପଳାଇଥିଲା। ପରିବାର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଚିକିତ୍ସା ପାଇଁ ତିରିଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ ମଧ୍ୟ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ କରୁଛି। ଏନେଇ ଥାନାରେ ଏକ ମାମଲା(ନଂ.୧୨୬/୨୩) ରୁଜୁ ହୋଇଛି।

### ବାଇକ ଭାଙ୍ଗିଲା, ଚାଷ ନଷ୍ଟକଲା ହାତୀ

ପାଟଣା,୭।୯(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ରେଞ୍ଜରେ ୨୩ ଟିକିଆ ଝାଡ଼ଖଣ୍ଡି ହାତୀପଲଙ୍କ ଉପଦ୍ରବ ଥମିବାରେ ନା ଧରୁନି। ଏକ ସପ୍ତାହ ହେବ ହାତୀପଲ ପାଟଣା ରେଞ୍ଜର ସାହାରପଡ଼ା ସେକ୍ସନ ଅଞ୍ଚଳରେ ଆତଙ୍କ ଖେଳାଇଛନ୍ତି। ବୁଧବାର ଅପରାହ୍ଣରେ ହାତୀପଲ ଭିରଳ ନଦୀରେ ଜଳକ୍ରୀଡ଼ା କରିବା ପରେ ଏକର ଏକର ଧାନ ଓ ବୋଇତାଳୁ ଚାଷ ନଷ୍ଟ କରି ମିରିଗି ଖୋଜି ଗ୍ରାମର କଳାକର ମହାନ୍ତଙ୍କ ଘର ଭାଙ୍ଗିଦେଇଛନ୍ତି। ଗୁରୁବାର ଅପରାହ୍ଣରେ ହାତୀପଲ ରେଙ୍ଗାଳବେଡ଼ା ଜଙ୍ଗଲରେ ଡେରା ପକାଇଥିବା ବେଳେ ହାତୀ ଦେଖିବାକୁ ଯାଇଥିବା ବେଗେନା ଗ୍ରାମର ବାବୁଲା ସେଠୀଙ୍କ ବାଇକ୍‌କୁ ଗୋଇଠା ମାରି ଏକ ଦନ୍ତା ଭାଙ୍ଗିଦେଇଛି। ହାତୀପଲଙ୍କ ଉପଦ୍ରବ ଏବେ ଅଞ୍ଚଳରେ କୋକୁଆ ଭୟ ସୃଷ୍ଟି କରିଥିବା ବେଳେ ଘୋଇଡ଼ାଉବାକୁ ଅଞ୍ଚଳ ବାସୀ ଦାବି କରିଛନ୍ତି। ବନ ବିଭାଗ ହାତୀପଲଙ୍କ ଚଳ ପ୍ରଚଳ ଉପରେ ନଜର ରଖିଥିବା କହିଛନ୍ତି।

### ଦୋଷୀଙ୍କୁ ୨୦ ବର୍ଷ ଜେଲଦଣ୍ଡ

#### ନାବାଳିକା ବଳାତ୍କାର ଅଭିଯୋଗ

କେନ୍ଦୁଝର, ୭।୯ ( ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଫାଷ୍ଟଟ୍ରାକ୍ କୋର୍ଟରେ ଏକ ନାବାଳିକା ବଳାତ୍କାର ମାମଲାର ରାୟ ପ୍ରକାଶ ପାଇଛି। ବିଚାରପତି ବିଜୟ କୁମାର ମିଶ୍ର ଅଭିଯୁକ୍ତ ନିରଞ୍ଜନ କାରୁଆଙ୍କୁ ଦୋଷୀ ସାବ୍ୟସ୍ତ କରି ୨୦ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥି ସହିତ ୧୦ ହଜାର ଟଙ୍କା ଜରିମାନା ଅନାଦାୟେ ଅଧିକ ୬ ମାସ ଜେଲଦଣ୍ଡ ଭୋଗିବାକୁ ଆଦେଶ ଦେଇଛନ୍ତି। ପୀଡ଼ିତାଙ୍କୁ ୪ ଲକ୍ଷ ଟଙ୍କା ଅନୁକମ୍ପା ରାଶି ପ୍ରଦାନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, କେନ୍ଦୁଝର ଟାଉନ ଥାନା ଅଞ୍ଚଳର ଜଣେ ନାବାଳିକା ୧୯ ଅଗଷ୍ଟ ୨୦୨୦ ସକାଳେ ଶୌଚ ପାଇଁ ଘର ନିକଟ ବିଲକୁ ଯାଇଥିଲେ। ଘରକୁ ନ ଫେରିବାରୁ ନାବାଳିକାଙ୍କ ପିତା ୩ ଦିନ ପରେ ଟାଉନ ଥାନାରେ ଏତଲା ଦେଇଥିଲେ। ପାଟଣା ଥାନା ଉଦୟପୁର ଗ୍ରାମର ନିରଞ୍ଜନ କାରୁଆ(୨୦) ଅପହରଣ କରିଥିବା ଏତଲାରେ ଦର୍ଶାଇଥିଲେ। ଏ ନେଇ ଟାଉନ ପୋଲିସ ଏକ ମାମଲା(ନଂ.୨୧୯/୨୦)ରୁଜୁ କରିଥିଲା। ଘଟଣାର ୩ ମାସ ପରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ନାବାଳିକାଙ୍କୁ ଉଦ୍ଧାର କରିଥିଲା। ଅପହରଣ କରି ନାବାଳିକାଙ୍କୁ ଜୋରଜବରଦସ୍ତ ବଳାତ୍କାର ସହ ବିବାହ କରିଥିବା ନେଇ ପୋଲିସ ନିକଟରେ ନାବାଳିକା ପ୍ରକାଶ କରିଥିଲା। ୧୭ଜଣ ସାକ୍ଷୀଙ୍କ ବୟାନ ଆଧାରରେ ଉକ୍ତ ରାୟ ଶୁଣାଇଥିବା ସ୍ୱତନ୍ତ୍ର ପିପି ଜ୍ଞାନେନ୍ଦ୍ରନାଥ ଜେନା କହିଛନ୍ତି।

# ସହରରେ ମାତିଛନ୍ତି ମହିଳା ଲୁଟେରା

### ୩ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି ପୋଲିସ

ବାରିପଦା,୭।୯(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବାରିପଦା ସହରରେ ଦିନକୁ ଦିନ ଆପରାଧିକ ମାମଲା ବୃଦ୍ଧି ପାଇବାରେ ଲାଗିଛି। କିଛି ଦିନ ହେଲା ମହିଳା ଲୁଟେରା ସକ୍ରିୟ ହୋଇ ଲୁଟ୍ କରିବାରେ ସଫଳ ହେଉଛନ୍ତି। ଏପରି ଏକ ଘଟଣାରେ ପୋଲିସ ଛାନଭିନ୍ ଚଳାଇ ୩ ମହିଳାଙ୍କୁ ଅଟକ ରଖି ପଚରାଉଚୁରା ଜାରି ରଖିଛି।

ସୂଚନା ଅନୁଯାୟୀ, ଜନ୍ମାଷ୍ଟମୀରେ ବାରିପଦା ରାଧାମୋହନ ମନ୍ଦିରରେ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା। ଭିଡ଼ର ସୁଯୋଗ ନେଇ ୩ ମହିଳା ଲୁଟେରା ଜଣେ ମହିଳାଙ୍କ ବେକରୁ ସୁନାହାର ଲୁଟ୍ କରିଥିଲେ। ଲୁଟ୍‌ର ଶିକାର ମହିଳା ଜଣକ ପାଟି କରିବାରୁ ଗହଳି ମଧ୍ୟରେ ଲୁଟେରାମାନେ ଛପି ଯାଇଥିଲେ। ସେଠାରେ ଉପସ୍ଥିତ ଥିବା ସାଦା ପୋଷାକଧାରୀ ପୋଲିସ କର୍ମଚାରୀମାନେ ଘଣ୍ଟାକ ମଧ୍ୟରେ ଲୁଟେରାଙ୍କୁ କାବୁ କରିବା ସହ ଲୁଟ ହାରକୁ ଜବତ କରିଥିଲେ।

ପୋଲିସ ସୂତ୍ରରୁ ପ୍ରକାଶ, ଅନ୍ୟ ରାଜ୍ୟର ମହିଳାମାନେ ପରିବାର ସହ ଆସି ସହରର ବିଭିନ୍ନ ସ୍ଥାନରେ ଡେରା ପକାଇବା ସହ ଘରଭଡ଼ା ନେଇ ରହୁଛନ୍ତି। ଜନଗହଳି ପୂର୍ଣ୍ଣ ଅଞ୍ଚଳକୁ ଯାଇ ସୁଯୋଗ ଦେଖି ଛିନତାଇ କରି ରାତାରାତି ପରିବାର ସହ ଫେରାର ହୋଇଯାଉଛନ୍ତି। ସେହିପରି ପରିବାରରେ ଥିବା ପୁରୁଷମାନେ ଜିଲାର ବିଭିନ୍ନ ସ୍ଥାନକୁ ଯାଇ ଲୁଟ କରିବାର ଯୋଜନା କରିବା ପରେ ମହିଳାମାନଙ୍କୁ କାର୍ଯ୍ୟରେ ଲଗାଇ ଅପରାଧ ଘଟାଇ ଚାଲିଛନ୍ତି। ଅନେକ ଅପରାଧି ନିଜର ପରିଚୟ ବଦଳାଇ ସହରରେ ଆସି ରହୁଛନ୍ତି। ଘର ମାଲିକମାନେ କୌଣସି ପ୍ରମାଣପତ୍ର ନ ରଖି ଭଡ଼ା ଦେଇଚାଲିଛନ୍ତି। ଅଚିହ୍ନା ଅପରିଚିତ ବ୍ୟକ୍ତିଙ୍କ ପ୍ରମାଣପତ୍ର ଯାଞ୍ଚ କରିବାରେ ଜିଲା ପୋଲିସ ମଧ୍ୟ ତତ୍ପରତା ପ୍ରକାଶ କରୁନାହିଁ। ଫଳରେ ପଶ୍ଚିମବଙ୍ଗ ରାଜ୍ୟର ମୁର୍ଷିଦାବାଦ ଜିଲାରୁ ଅନେକ ବ୍ୟକ୍ତି ବାରିପଦା ସହରରେ ଆସ୍ଥାନ ଜମାଇ ସାରିଲେଣି। ଏ ସଂକ୍ରାନ୍ତରେ ବାରିପଦା ସଦର ଏସ୍‌ଡିପିଓ ସୁଜିତ ପ୍ରଧାନ କୁହନ୍ତି, ମ୍ୟୁନସିପାଲିଟିର ଅଧ୍ୟକ୍ଷଙ୍କ ସହିତ କଥାବାର୍ତ୍ତା ହୋଇଛି। ଖୁବ୍‌ଶୀଘ୍ର ଘରମାଲିକମାନେ ଭଡ଼ାରେ ରହୁଥିବା ବ୍ୟକ୍ତିଙ୍କ ପରିଚୟ ପତ୍ର ପ୍ରଦାନ କରିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ସହରର ୨୮ ୱାର୍ଡରେ ଥିବା ଅପରିଚିତ ଲୋକଙ୍କ ପରିଚୟପତ୍ର ଦାଖଲ କରିବାରେ ବିଳମ୍ବତା ପ୍ରକାଶ କଲେ ଘର ମାଲିକଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି ।

ସେଲ୍ଫି କର୍ବର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

balasoreselfie@gmail.com



@ପୁରନ୍



@ସୌଭାଗ୍ୟ

ସେଲ୍ଫି ସହ ନିଜର ନାମ ଓ ମୋବାଇଲ୍ ନମ୍ବର ଉଲ୍ଲେଖ କରନ୍ତୁ

# ଭାଜପାର ଧନ୍ୟବାଦ ସଭା



ଧନ୍ୟବାଦ ସଭାରେ ଉପସ୍ଥିତ ଭାଜପା ନେତୃବୃନ୍ଦ।

ରୂପସା, ୭।୯(ବାଞ୍ଛାନିଧି ଦେ)

ବାଲେଶ୍ୱର ଜିଲା ଅଧୀନ ବସ୍ତା ଭାଜପା ଯୁବମୋର୍ଚ୍ଚା ତରଫରୁ ଗୁରୁବାର ଗାନ୍ଧୀ ଛକଠାରେ କେନ୍ଦ୍ର ସରକାରଙ୍କ ଉଦ୍ଦେଶ୍ୟରେ ଏକ ଧନ୍ୟବାଦ ସଭା ଅନୁଷ୍ଠିତ ହୋଇଯାଇଛି। ଅମର୍ଦ୍ଦା ବିମାନବନ୍ଦର ପୁନରୁଦ୍ଧାର ଓ କାର୍ଯ୍ୟକାରୀ ନିମନ୍ତେ ପ୍ରଥମ ପର୍ଯ୍ୟାୟରେ କେନ୍ଦ୍ର ସରକାର ୪୫ କୋଟି ଟଙ୍କା ମଞ୍ଜୁର କରିଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, କେନ୍ଦ୍ର ବିମାନ ଚଳାଚଳ ମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆ, କେନ୍ଦ୍ରମନ୍ତ୍ରୀ ବିଶେଶ୍ୱର ଟୁଡୁ ଓ ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କୁ ଦଳ ପକ୍ଷରୁ କୃତଜ୍ଞତା ଜ୍ଞାପନ ପୂର୍ବକ ଧନ୍ୟବାଦ ଅର୍ପଣ କରାଯାଇଥିଲା।

ବସ୍ତା ଯୁବମୋର୍ଚ୍ଚା ସଭାପତି ଧୀରେନ କୁମାର ସେଠୀ ସଭାରେ ସଭାପତିତ୍ୱ କରିଥିଲେ। ବରିଷ୍ଠ ନେତା ଶ୍ୟାମା ପ୍ରସାଦ ବେହେରା ଯୋଗଦେଇ ଭାରତର ସାମଗ୍ରିକ ବିକାଶ ପାଇଁ କେନ୍ଦ୍ରର ଭାଜପା ସରକାର ସର୍ବଦା ପ୍ରତିଶ୍ରୁତିବଦ୍ଧ। ଏହି ବିମାନ ବନ୍ଦର ଦ୍ୱାରା ବାଲେଶ୍ୱର ଓ ମୟୂରଭଞ୍ଜ ଜିଲା ସମେତ ପଶ୍ଚିମବଙ୍ଗର ଜନସାଧାରଣ ଉପକୃତ ହେବେ ବୋଲି ବକ୍ତବ୍ୟରେ କହିଥିଲେ। ଭାଜପା ନେତା ରାଧାଶ୍ୟାମ ମହାପାତ୍ର, ଜିଲା କୃଷକ ମୋର୍ଚ୍ଚା ଉପସଭାପତି ସୂର୍ଯ୍ୟ ନାରାୟଣ ସାହୁ, ରାଉତପଡ଼ା ସମବାୟ ସମିତି ସଭାପତି ଦେବାଶିଷ ମହାପାତ୍ର, ପୂର୍ବତନ ସମବାୟ ସମିତି ସଭାପତି ହରେନ୍ଦ୍ର କୁମାର ଦାସ, ଜିଲା ଯୁବମୋର୍ଚ୍ଚା ଉପସଭାପତି ରାଜନ କୁମାର ପରିଡ଼ା, ପୁରୁରା ସରପଞ୍ଚ ରାଧାକୃଷ୍ଣ ଜେନା, ବସ୍ତା ମିଡ଼ିଆ ସେଲ୍ ସଂଯୋଜକ ଦିବାକର ରାଉତ, ଜିଲା ଯୁବମୋର୍ଚ୍ଚା ସାଧାରଣ ସମ୍ପାଦକ ଖଗେନ୍ଦ୍ର ନାୟକ, ଯୁବମୋର୍ଚ୍ଚା ଜେନେରାଲ ସେକ୍ରେଟାରୀ ନିହାର ରଞ୍ଜନ ବେହେରା, ବରିଷ୍ଠ ନେତା ବାସୁଦେବ ପଣ୍ଡା, ଦରଡ଼ା ମଣ୍ଡଳ ସଭାପତି ବସନ୍ତ ବାରିକ ପ୍ରମୁଖ ଯୋଗଦେଇ ରାଜ୍ୟ ସରକାରଙ୍କ ଦଳପ୍ରୀତି ରାଜନୀତି ବିକାଶରେ ବାଧକ ସାଜୁଥିବାରୁ ଆଗାମୀ ନିର୍ବାଚନରେ ଜନସାଧାରଣ ଉଚିତ୍ ଜବାବ ଦେବେ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରିୟବ୍ରତ ପ୍ରହରାଜ, ରାସବିହାରୀ ଦାସ, ବସ୍ତା ମଣ୍ଡଳ ଉପସଭାପତି ପ୍ରକାଶ କୁଣ୍ଟୁ, ବାହାର୍ଦ୍ଦା ପଞ୍ଚାୟତ ସଭାପତି ଅଜୟ ଜେନା, ବିନୟ ଜେନା, କୁଡ଼ିଆ ପଞ୍ଚାୟତ ସଭାପତି ତପନ କୁମାର ପାତ୍ର, ମଥାନୀ ପଞ୍ଚାୟତ ସଭାପତି ଉମାକାନ୍ତ ବେଜ୍, ମଣ୍ଡଳ ସାଧାରଣ ସମ୍ପାଦକ ପ୍ରସନ୍ନ ପଣ୍ଡା, ଦରଡ଼ା ଯୁବମୋର୍ଚ୍ଚା ସଭାପତି ଚନ୍ଦନ ଭୋଳ, ଗଡ଼ପଦା ପଞ୍ଚାୟତ ସଭାପତି ଅଞ୍ଜନ ବେହେରା, ଭାଗିରଥି ନାୟକ, ଅଦ୍ୱୈତ୍ୟ ବାଗଙ୍କ ସମେତ ଏବଂ ବହୁ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। ମଣ୍ଡଳ ଯୁବମୋର୍ଚ୍ଚା ଉପସଭାପତି ଫକୀରମୋହନ ପ୍ରଧାନ ଧନ୍ୟବାଦ ଦେଇଥିଲେ।

### ବୃଦ୍ଧାଶ୍ରମରେ ବାଣ୍ଟିଲେ ଖାଦ୍ୟ, ବସ୍ତ୍ର

ଭଦ୍ରକ, ୭।୯(ସନାତନ ରାଉତ)

ଜନ୍ମାଷ୍ଟମୀ ଅବସରରେ ଭଦ୍ରକର ସାମାଜିକ କର୍ମୀ ରାମଚନ୍ଦ୍ର ବେହେରାଙ୍କ ଦ୍ୱାରା ଚରମ୍ପାସ୍ଥିତ ବୃଦ୍ଧାଶ୍ରମରେ ଶୁଖିଲା ଖାଦ୍ୟ ଓ ବସ୍ତ୍ର ବଣ୍ଟନ କରାଯାଇଛି। ପରିଣତ ବୟସରେ ବୃଦ୍ଧାଶ୍ରମରେ ଅସହାୟ ଜୀବନ ବିତାଉଥିବା ଅସହାୟମାନଙ୍କ ମୁହଁରେ ଟିକିଏ ହସ ଖୁସି ବାଣ୍ଟିବା ପାଇଁ ଏପରି କାର୍ଯ୍ୟକ୍ରମ କରିଥିବା ରାମଚନ୍ଦ୍ର କହିଛନ୍ତି। ଆଶ୍ରମରେ ଥିବା ୩୦ ବୃଦ୍ଧାବୃଦ୍ଧଙ୍କୁ ଖାଦ୍ୟବସ୍ତ୍ର ବଣ୍ଟନ କରାଯାଇଥିବାରୁ ସେମାନେ ଖୁସିବ୍ୟକ୍ତ କରିଥିଲେ। ସ୍ୱେଚ୍ଛାସେବୀ ସନ୍ତୋଷ କୁମାର ସାହୁ, ଯୁବନେତା ପରେଶ ଚନ୍ଦ୍ର ନାୟକ, ଆଇନଜୀବୀ ଅଶୋକ କୁମାର ନାୟକ, ଦେବାଶିଷ ନାୟକ, ରାଜଶେଖର ନାୟକ, ସୁବାସ ନାୟକ, ସ୍ୱାଗତମ ପଲାଇ, ହରେକୃଷ୍ଣ ବେହେରା, ରଘୁନାଥ ବେହେରା, ନାଗା ରାଓ, ରିଙ୍କୁ ଖାନ, ଅବଦୁଲ କାଲାମ, ଟୁକୁନା ରାଉତ, ଶଙ୍କର ବେହେରା ପ୍ରମୁଖ ପରିଚାଳନା କରିଥିଲେ।

### ରାଧାଗୋବିନ୍ଦଙ୍କ ମନ୍ଦିରରେ ନନ୍ଦୋତ୍ସବ

ଗୋପବନ୍ଧୁ ନଗର,୭।୯ (ଶାନ୍ତନୁ କୁମାର ମଣ୍ଡୁଆଳ)

ଗୋପବନ୍ଧୁ ନଗର ବ୍ଲକ ପୁରୁଣା ବାରିପଦା ପଞ୍ଚାୟତସ୍ଥିତ ରାଇପଦା ଗ୍ରାମରେ ଶ୍ରୀରାଧା ଗୋବିନ୍ଦଙ୍କ ମନ୍ଦିରରେ ଗୁରୁବାର ପାରମ୍ପରିକ ନନ୍ଦୋତ୍ସବ ପାଳିତ ହୋଇଯାଇଛି। ଭଗବାନ କୃଷ୍ଣଙ୍କ ଦର୍ଶନ ପାଇଁ ଦିନ ତମାମ ଭକ୍ତଙ୍କ ଭିଡ଼ ଲାଗି ରହିଥିଲା। ପୂର୍ବାହ୍ନରେ ପୂଜାର୍ଚ୍ଚନା ପରେ ହୋମ ଯଜ୍ଞ ଅନୁଷ୍ଠିତ ହୋଇଥିଲା। ମଧ୍ୟାହ୍ନରେ ମା' ଯୋଶଦା ଓ କୃଷ୍ଣଙ୍କ ବାତ୍ସଲ୍ୟଲୀଳାକୁ ନେଇ ଛୋଟ ଛୋଟ ପିଲାମାନଙ୍କ ମଧ୍ୟରେ କ୍ଷୁଦ୍ର ନାଟକ ଅନୁଷ୍ଠିତ ହୋଇଥିଲା। ପରେ ମନ୍ଦିର ସମ୍ମୁଖରେ ଦଧି ହାଣ୍ଡି ଭଙ୍ଗା ଦୃଶ୍ୟ ଦେଖିବାକୁ ମିଳିଥିଲା। କମିଟିର ସଭାପତି ପ୍ରମୋଦ କୁମାର ମହାପାତ୍ର, ସମ୍ପାଦକ ମୁକ୍ତିକାନ୍ତ ବାରିକ, ଗୌତମ ମହାକୁଡ, ରତି ରଞ୍ଜନ ବାରିକ, ଦୀନବନ୍ଧୁ ବାରିକ, ଭାଗବତ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ସଂଘର୍ଷରୁ ମିଳିଛି ସଫଳତା



### ମହିଳା ସଶକ୍ତୀକରଣର ବାର୍ତ୍ତାବହ ତିଳୋତ୍ତମା

ଯୋଡ଼ା,୭।୯(ମାନସ ମହାନ୍ତି)

ପିଲାଟି ବେଳୁ ପରିବାରର ବୋଝ ନିଜ କାନ୍ଧରେ ଉଠାଇଛନ୍ତି। ସଂଘର୍ଷ ବଳରେ ନିଜେ ସ୍ୱାବଲମ୍ବୀ ହେବା ସହ ଅନେକ ମହିଳାଙ୍କୁ ରୋଜଗାରର ବାଟ ଦେଖାଇଛନ୍ତି। ତାଙ୍କର ସଂଘର୍ଷ ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛି। କେନ୍ଦୁଝର ଜିଲା ଯୋଡ଼ା ବ୍ଲକ୍ ଅନ୍ତର୍ଗତ ଦେଓଝର ପଞ୍ଚାୟତ ଗୋବର୍ଦ୍ଧନପୁର ଗ୍ରାମର ମହିଳା ତିଳୋତ୍ତମା ମଲ୍ଲିକ ଏବେ ମହିଳା ସଶକ୍ତୀକରଣର ବାର୍ତ୍ତାବହ ସାଜିଛନ୍ତି।

ଦୁଃଖଦ କାହାଣୀ ସମ୍ପର୍କରେ ତିଳୋତ୍ତମା କୁହନ୍ତି, ତାଙ୍କୁ ଯେତେବେଳେ ୧୩ ବର୍ଷ ବୟସ ହୋଇଥିଲା, ସେ ତାଙ୍କ ବାପାଙ୍କୁ ହରାଇଥିଲେ। ମା' ଶାରୀରିକ ଅକ୍ଷମ ଯୋଗୁ ବାହାରକୁ ଯାଇ କାମ କରି ପାରୁ ନ ଥିଲେ। ଫଳରେ ଅର୍ଥ ଅଭାବରୁ ଦିଓଳି ଖାଇବା ପାଇ ସଂଘର୍ଷ କରୁଥିଲେ। ନିଜ ୬ ମାସର ସାନ ଭାଇକୁ ନେଇ କିପରି ପରିବାର ପ୍ରତିପୋଷଣ କରିବେ ଚିନ୍ତା ଘାରିଥିଲା। ଶେଷରେ କିଶୋରୀ ବୟସରେ ତିଳୋତ୍ତମା ନିଜ ପରିବାରର ଭରଣ ପୋଷଣ ପାଇଁ ଅଣ୍ଟା ଭିଡ଼ିଥିଲେ। କମ ବୟସରୁ ପାଠପଢ଼ା ଛାଡ଼ି ବିଲରେ ମୂଲ ଲାଗି ପରିବାର ଚଳାଉଥିଲେ। ଗ୍ରାମର ମହିଳାମାନଙ୍କୁ ଏକାଠି କରି ନିଜେ କିପରି ସ୍ୱାବଲମ୍ବୀ ହୋଇ ପାରିବେ, ସେ ନେଇ ବହୁ ବିଚାର ବିମର୍ଶ କରିଥିଲେ। ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ କରି ଗ୍ରାମର ମହିଳାଙ୍କୁ ନେଇ ଏକ ସିଲେଇ କେନ୍ଦ୍ର ପ୍ରତିଷ୍ଠା କରିଥିଲେ। ମହିଳାଙ୍କ ପୋଷାକ ସିଲେଇ କରି କିଛି ପଇସା ରୋଜଗାର ଆରମ୍ଭ କଲେ। ମିଶନ ଶକ୍ତିର ସହଯୋଗ ମିଳିଥିଲା। ଅଙ୍ଗନୱାଡ଼ି କେନ୍ଦ୍ର ଓ ସ୍କୁଲ ଛାତ୍ରୀଛାତ୍ରମାନଙ୍କ ନିମନ୍ତେ ପୋଷାକ ସିଲେଇ କରିବା ପାଇଁ ସରକାରୀସ୍ତରରେ ଅର୍ଡର ମିଳିଥିଲା। ଫଳରେ ସେ ଏବଂ ଅନ୍ୟ ମହିଳାମାନେ ମାସିକ ୬ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ରୋଜଗାର କରି ପାରୁଥିବା ତିଳୋତ୍ତମା କହିଛନ୍ତି। ଏହି କାମ କରିବା ପରେ ସେ ସ୍ୱାବଲମ୍ବୀ ହେବା ସହିତ ତାଙ୍କ ପରିବାର ପ୍ରତିପୋଷଣ କରିପାରୁଛନ୍ତି। ମହିଳାମାନେ ଘର କୋଣରେ ନ ରହି ପରିବାରର ଆର୍ଥିକ ସମସ୍ୟା ଦୂର କରିବା ପାଇଁ ଆଗେଇ ଆସିବା ଉଚିତ ବୋଲି ତିଳୋତ୍ତମା କହିଥାନ୍ତି।

# ଗୁରୁଦିବସରେ ୫୩ ଶିକ୍ଷୟିତ୍ରୀ ଶିକ୍ଷକ ସମ୍ବର୍ଦ୍ଧିତ

ସିମୁଳିଆ, ୭।୯(ସନ୍ତୋଷ କୁମାର ନାୟକ)



ଅତିଥିମାନଙ୍କ ଗହଣରେ ସମ୍ବର୍ଦ୍ଧିତ ଅବସରପ୍ରାପ୍ତ ଶିକ୍ଷୟିତ୍ରୀଶିକ୍ଷକ।

ଗୁରୁଦିବସ ଅବସରରେ ବାଲେଶ୍ୱର ଜିଲା ସିମୁଳିଆ ବ୍ଲକ ଅଧୀନ ବିରଞ୍ଚିପୁର ମୁକୁନ୍ଦଚରଣ ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ୫୩ ଅବସରପ୍ରାପ୍ତ ଗୁରୁଙ୍କ ପୂଜନ ଉତ୍ସବ ଅନୁଷ୍ଠିତ ହୋଇଥିଲା। ପୁରାତନ ଛାତ୍ର ସଂସଦ ଦ୍ୱାରା ଏହି ଉତ୍ସବ ପୁରାତନ ଛାତ୍ର ତଥା ସମିତିସଭ୍ୟ ମୁକ୍ତିକାନ୍ତ ପାଣିଗ୍ରାହୀଙ୍କ ଆବାହନରେ ଅନୁଷ୍ଠିତ ହୋଇଥିଲା । ବରି ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଚିତ୍ତରଞ୍ଜନ ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟବକ୍ତା ରୂପେ ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ ପୁରାତନ ଛାତ୍ରୀଛାତ୍ରମାନେ ଅବସରପ୍ରାପ୍ତ ଗୁରୁଙ୍କୁ ମନେରଖିବା ଓ ପୂଜନ କରିବା ପରମ୍ପରା ଆଗାମୀ ପିଢି ପାଇଁ ନବଦିଗନ୍ତ ବୋଲି କହିଥିଲେ । ମୁଖ୍ୟଅତିଥି ରୂପେ ପ୍ରାକ୍ତନ ଶିକ୍ଷକ ବସନ୍ତ କୁମାର ଲେଙ୍କା ଗୁରୁପୂଜନ ଉତ୍ସବରେ ଗୁରୁ ତାଙ୍କର ପ୍ରାପ୍ୟ ପାଇଥାଆନ୍ତି ବୋଲି କହିଥିଲେ। ଅନ୍ୟ ଅତିଥିଙ୍କ ମଧ୍ୟରେ ଶିକ୍ଷକ ସନାତନ ବେହେରା, ରମେଶ ଚନ୍ଦ୍ର ଦାସ, ଚତୁର୍ଭୁଜ ପାଣିଗ୍ରାହୀ ପ୍ରମୁଖ ଥିଲେ। କଟକ ମେଡିକାଲର ବରିଷ୍ଠ ଡାକ୍ତର ତଥା ସ୍ଥାନୀୟ ଅଞ୍ଚଳର ସ୍ୱର୍ଗତଃ ଡା. ଜନାର୍ଦ୍ଦନ ମହାନ୍ତିଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନ କରାଯାଇଥିଲା । ଏହି ଅବସରରେ ୫୩ଜଣ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ମାନପତ୍ର, ଉତ୍ତରୀୟ, କଲମ ଓ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା

# ଭାରତ ଯୋଡ଼ୋ ଯାତ୍ରାର ବର୍ଷ ପୂର୍ତ୍ତି ପାଳନ କଲା କଂଗ୍ରେସ



ମହତାବ କୋଠୀଠାରେ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରୁଛନ୍ତି କଂଗ୍ରେସ କର୍ମକର୍ତ୍ତା।

ଭଦ୍ରକ, ୭।୯(ସନାତନ ରାଉତ)

ଭାରତ ଯୋଡ଼ୋ ଯାତ୍ରାର ୧ ବର୍ଷ ପୂର୍ତ୍ତି ପାଳନ କରିଛି ଭଦ୍ରକ ଜିଲା କଂଗ୍ରେସ। ଗୁରୁବାର କଂଗ୍ରେସ ପକ୍ଷରୁ ଜିଲା କାର୍ଯ୍ୟାଳୟରୁ ନେତା ଓ କର୍ମୀମାନେ ଏକ ଶୋଭାଯାତ୍ରାରେ ବାହାରି ଥାନାଛକ ସ୍ଥିତ ମହତାବ କୋଠୀରେ ପହଞ୍ଚି ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପରେ ଜିଲା ସଭାପତି ଅଶୋକ ଦାସଙ୍କ ସଭାପତିତ୍ୱରେ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଥିଲା। ପିସିସି ସାଧାରଣ ସମ୍ପାଦକ ଜାନକୀ ବଲ୍ଲଭ ପଟ୍ଟନାୟକ, ପୂର୍ବତନ ବିଧାୟକ ପଞ୍ଚାନନ ମଣ୍ଡଳ, ଦିଗମ୍ବର ଦାସ, ଦେବେନ୍ଦ୍ର ମହାନ୍ତି, ନଳିନୀ ମହାନ୍ତି, ସବିତା ଚାନ୍ଦ ପ୍ରମୁଖ ଯୋଗଦେଇ କଂଗ୍ରେସ ଭାରତକୁ ଯୋଡ଼ିବାକୁ ଯାଉଥିବା ବେଳେ କେନ୍ଦ୍ରରେ ଥିବା ଭାଜପା ସରକାର ଜାତି, ଧର୍ମ ଆଧାରରେ ଦେଶକୁ ଖଣ୍ଡ ଖଣ୍ଡ କରିବା ସହ ବିଭିନ୍ନ ରାଜ୍ୟରେ ହିଂସା ସ୍ଥିତି ସୃଷ୍ଟି କରୁଛି ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସତ୍ୟାନନ୍ଦ ରାଉତ, ବିଦ୍ୟାଧର ଜେନା, ଶୁଭେନ୍ଦୁ ରାୟ ମହାପାତ୍ର, ଅସରଫ ଅଲ୍ଲୀ ଖାଁ, ଇଲିୟାସ ଖାଁ, ବଳରାମ ରାଉତ, ଅମିତାବାଳା ଆଚାର୍ଯ୍ୟ ପ୍ରମୁଖ ପରିଚାଳନା କରିଥିଲେ।

# ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କଲେ ପିଡି

ଧାମନଗର,୭।୯ (ଦେବେନ୍ଦ୍ର ଆଦ୍ଦିଆ)



ପ୍ରକଳ୍ପ ନିର୍ଦ୍ଦେଶକ ସରୋଜ କୁମାର ଦତ୍ତ ଅନ୍ୟ ଅଧିକାରୀ ଡିଗିପୋଖରୀ ପରିଦର୍ଶନ କରୁଛନ୍ତି।

ଭଦ୍ରକ ଜିଲା ଧାମନଗର ବ୍ଲକରେ ବିଭିନ୍ନ ପଞ୍ଚାୟତରେ ଚାଲିଥିବା ଉନ୍ନୟନମୂଳକ କାର୍ଯ୍ୟ ଗୁରୁବାର ସମୀକ୍ଷା କରିଛନ୍ତି ପିଡି (ପ୍ରକଳ୍ପ ନିର୍ଦ୍ଦେଶକ) ସରୋଜ କୁମାର ଦତ୍ତ। ଏନେଇ ଧାମନଗର ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ବିଶେଷକରି ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଜଳ ଯୋଗାଣ, ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଓ ଗ୍ରାମ୍ୟ ରାସ୍ତା ଉପରେ ସମୀକ୍ଷା କରାଯାଇଥିଲା। ଏପିଡି ପ୍ରହଲ୍ଲାଦ ରଣା, ବିଡିଓ ବନବିହାରୀ ଦିଣ୍ଡା, ଏବିଡିଓ ସୁଶ୍ରୀ ଶର୍ମିଷ୍ଠା ମଲ୍ଲିକ, ସହକାରୀ ଯନ୍ତ୍ରୀ ପୂର୍ଣ୍ଣଚନ୍ଦ୍ର ହେମ୍ବ୍ରମ ପ୍ରମୁଖ ବୈଠକରେ ଯୋଗ ଦେଇଥିଲେ। ବ୍ଲକର ସମସ୍ତ କନିଷ୍ଠ ଯନ୍ତ୍ରୀ, ଜିଆର୍‌ଏସ୍ ଓ ବ୍ଲକ କର୍ମଚାରୀମାନେ ଉପସ୍ଥିତ ରହି କାମ ସମୟରେ ଉପୁଜୁଥିବା ବିଭିନ୍ନ ସୁବିଧା ଅସୁବିଧା ସମ୍ପର୍କରେ ପିଡିଙ୍କ ନିକଟରେ ଉପସ୍ଥାପନ କରିଥିଲେ। ତେବେ ସମସ୍ତଙ୍କ ସହ ଉତ୍ତମ ବ୍ୟବହାର କରି ଉନ୍ନୟନ କାର୍ଯ୍ୟ ଆଗକୁ ନେବାକୁ ପିଡି ସେମାନଙ୍କୁ ପରାମର୍ଶ ଦେଇଥିଲେ। ପରେ ପିଡି ଭଗବାନପୁର ପଞ୍ଚାୟତର ଡିଗି ପୋଖରୀର ପାରିପାର୍ଶ୍ୱିକ କାର୍ଯ୍ୟ ବୁଲି ଦେଖିଥିଲେ। କାର୍ଯ୍ୟ ସରିବା ପରେ ଏହା ନିଶ୍ଚିତ ଭାବେ ଏକ ଆକର୍ଷଣୀୟ ସ୍ଥାନ ଭାବେ ପରିଗଣିତ ହେବ ବୋଲି ସେ ପ୍ରକାଶ କରିଥିଲେ।

### ୭ କେଜି ଗଞ୍ଜେଇ ଜବତ

ବେତନଟୀ,୭।୯(ଧରଣୀଧର ମହାନ୍ତି)

ମୟୂରଭଞ୍ଜ ଜିଲା ଅବକାରୀ ଅଧିକ୍ଷକଙ୍କ ନିର୍ଦ୍ଦେଶରେ ଗୁରୁବାର ବେତନଟୀ ଅବକାରୀ ପୋଲିସ ଚଢ଼ାଉ କରି ୭ କେଜି ଗଞ୍ଜେଇ ଜବତ ସହିତ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲେ ଦୁର୍ଗାପୁର ପଞ୍ଚାୟତ କୋଲକୋଠା ଗ୍ରାମର କ୍ଷୀରୋଦ କୁମାର ମହାଳିକ। କୋଲକୋଠା ଗାଁରେ ଗଞ୍ଜେଇ କାରବାର ଚାଲିଥିବା ବେଳେ ବେତନଟୀ ଅବକାରୀ ଥାନା ଅଧିକାରୀ ନିରଞ୍ଜନ ସାହୁ,ଏଏସ୍‌ଆଇ ସୁଧାଂଶୁ ବେହେରା, ପ୍ରକାଶ ଦେବତା, ଦୀପିକା ପରିଡା, କାଶୀନାଥ ସୋରେନ ପ୍ରମୁଖ ଚଢ଼ାଉ କରି ଅଭିଯୁକ୍ତଙ୍କୁ ଧରିଥିଲେ।

ପୂର୍ବ ତଟ ରେଳପଥ

ଇ-ଟେଣ୍ଡର ବିଜ୍ଞପ୍ତି ସଂ.ST-OT-TELE-ZONAL-TLHR-335, ତା.01.09.2023ରିଖ

କାର୍ଯ୍ୟର ନାମ: 01 ବର୍ଷ ନିମନ୍ତେ ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ଼ ମଣ୍ଡଳର ସିନିୟର ସେକ୍ସନ ଇଞ୍ଜିନିୟର ଦୂରସଂଚାର/ତାଳଚେର ପରିସୀମା ଅଧୀନସ୍ଥ ସେକ୍ସନରେ ପ୍ରତ୍ୟେକ ଟ.5,00,000/- କିମ୍ବା ତା'ଠାରୁ କମ୍ ମୂଲ୍ୟର ଦୂରସଂଚାର ଜୋନାଲ (Zonal) କାର୍ଯ୍ୟ ।

ଟେଣ୍ଡର ମୂଲ୍ୟ(₹): 48,85,826.25, EMD(₹): 97,700/- ।

ବିଡ୍ ଆରମ୍ଭ ହେବା ତାରିଖ: ତା.11.09.2023 ରିଖ, ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା.25.09.2023 ରିଖ 1100 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ । ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ: ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ବରିଷ୍ଠ ମଣ୍ଡଳ ସଂକେତ ଏବଂ ଦୂରସଂଚାର ଯନ୍ତ୍ରୀ/ ଖୋର୍ଦ୍ଧା ରୋଡ଼

PR-554/O/23-24

OFFICE OF THE PRINCIPAL, CHIKITI MAHAVIDYALAYA, CHIKITI, GANJAM

QUOTATION CALL NOTICE (Addendum)

No.1538/ CM Dated 05.09.2023

Ref.: This Office Quotation Call Notice 1495/CM Dated 26.08.2023 published inthe daily newspaper the 'Dharitri' dated 28.08.2023.

1. The words "Supply and Installation of video surveillance, supply of Library Books, Office Furniture and Students' Furniture" have been added. 2. The list of materials uploaded in the college website www.cmvedu.in may be read a fresh. 3. The date may be read 14.09.2023 instead of 07.09.2023. 4. All other things remain unaltered.

Sd./- Principal, Chikiti Mahavidyalaya, Chikiti, Ganjam

